# NATIONAL NEWS BULLETIN (ODIA)

## 21 May - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ପାଇଁ ଉତ୍ତର ପ୍ରଦେଶରେ ପ୍ରଚାର କଲେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଓଡ଼ିଶାର ଚାରୋଟି ସ୍ଥାନରେ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- ଇରାନ୍‌ରେ ଆସନ୍ତା ଜୁନ୍ ୨୮ ତାରିଖରେ ହେବ ରାଷ୍ଟ୍ରପତି ନିର୍ବାଚନ ।

– ଇରାନ୍‌ର ଦିବଂଗତ ରାଷ୍ଟ୍ରପତି ଏବଂ ବୈଦେଶିକ ମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କର ।

- କେରଳର ବିଭିନ୍ନ ଜିଲ୍ଲାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଆଇ.ଏମ୍.ଡି.ର ସତର୍କ ସୂଚନା ।

ଏବଂ

- ଆଇପିଏଲ୍‌ର ପ୍ରଥମ କ୍ୱାଲିଫାୟର୍ ମ୍ୟାଚ୍‌ରେ ଆଜି କୋଲକାତା ନାଇଟ୍ ରାଇଡର୍ସ୍ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମୁକାବିଲା ।

– ଟସ୍ ଜିତି ସନ୍‌ରାଇଜର୍ସର ବ୍ୟାଟିଂ ନିଷ୍ପତ୍ତି ।

## ପିଏମ୍ ୟୁପି ପ୍ରୋଗ୍ରାମ୍

ବିଜେପିର ବରିଷ୍ଠ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ପ୍ରୟାଗରାଜ ଜିଲ୍ଲାରେ ନିର୍ବାଚନ ପ୍ରଚାର କରିଛନ୍ତି । ବି.ଏସ୍.ପି. ଏବଂ ସମାଜବାଦୀ ପାର୍ଟିକୁ ଲକ୍ଷ୍ୟ କରି ସେ କହିଛନ୍ତି, ଏହି ଦଳ ଗୁଡ଼ିକ ଅପରାଧିକ ତତ୍ତ୍ୱମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ପୂର୍ବ ସରକାର ସମୟରେ ମାଫିଆମାନଙ୍କୁ ସମର୍ଥନ ଦିଆଯାଉଥିଲା । ଫଳରେ ସେମାନେ ଗରିବ ଓ ଅବହେଳିତ ଲୋକଙ୍କ ଜମି ହଡ଼ପ କରୁଥିଲେ । ତେବେ ବିଜେପି କ୍ଷମତାକୁ ଆସିବା ପରେ ଏହି ଅପରାଧୀମାନେ ଜେଲ୍‌ରେ ଦଣ୍ଡ ଭୋଗୁଛନ୍ତି ବୋଲି ସେ କହିଛନ୍ତି । ପ୍ରୟାଗରାଜରୁ ନିର୍ବାଚନ ଲଢୁଥିବା ବିଜେପି ପ୍ରାର୍ଥୀ ନିରଜ ତ୍ରିପାଠୀ ଏବଂ ଫୁଲପୁର ନିର୍ବାଚନ ମଣ୍ଡଳୀର ପ୍ରବୀଣ ପଟେଲଙ୍କ ପାଇଁ ପ୍ରଧାନମନ୍ତ୍ରୀ ପ୍ରଚାର କରିଛନ୍ତି ।

ସେହିପରି ବାରାଣାସୀ ସଂସଦୀୟ କ୍ଷେତ୍ରରେ ଶ୍ରୀ ମୋଦୀ ୨୫ ହଜାରରୁ ଅଧିକ ମହିଳାଙ୍କ ସହ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି । ପରେ ସେ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟର ମାତୃଶକ୍ତି ସମ୍ମିଳନୀରେ ଯୋଗ ଦେଇଛନ୍ତି ।  ସେଠାରେ ସେ ବାରାଣାସୀର କିଛି ଗୃହିଣୀ, ଶିକ୍ଷକ, ଡାକ୍ତର, ବ୍ୟବସାୟୀ, ଆଇନ୍‌ଜୀବୀ ଏବଂ କ୍ରୀଡ଼ାବିତ୍‌ମାନଙ୍କ ସହ ଆଲୋଚନା କରିଛନ୍ତି । ସୂଚନା ଅନୁସାରେ ଶ୍ରୀ ମୋଦୀ ଆଜି ବାରାଣାସୀରେ ରାତ୍ରିଯାପନ କରି ଆସନ୍ତାକାଲି ଉତ୍ତରପ୍ରଦେଶରେ ଆଉ ଦୁଇଟି ର୍‍ୟାଲିରେ ଯୋଗଦେଇ ଜନସଭାକୁ ସମ୍ବୋଧନ କରିବେ ।

ଅନ୍ୟପକ୍ଷରେ ବିଜେପି ନେତା ତଥା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟର ବଲରାମପୁର, ସିଦ୍ଧାର୍ଥନଗର, ସନ୍ଥକବିନଗର ବସ୍ତି ଏବଂ ଆଜମଗଡ଼ ଜିଲ୍ଲାରେ ବିଭିନ୍ନ ର୍‍ୟାଲିକୁ ସମ୍ବୋଧିତ କରିଛନ୍ତି । ରାଜ୍ୟରେ ପ୍ରତ୍ୟେକ ଅପରାଧୀ ଏବଂ ମାଫିଆମାନଙ୍କ ସହ ସମାଜବାଦୀ ପାର୍ଟିର ସମ୍ପର୍କ ରହିଛି ବୋଲି ଶ୍ରୀ ଯୋଗୀ ଅଭିଯୋଗ କରିଛନ୍ତି । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ଆଜି ଭଦୋହିରେ ଟି.ଏମ୍.ସି. ପ୍ରାର୍ଥୀ ଲଳିତେଶ ପତି ତ୍ରିପାଠୀଙ୍କ ସପକ୍ଷରେ ପ୍ରଚାର କରି କହିଛନ୍ତି, ବିଜେପି ଦେଶରେ ୧୪୦ଟି ଆସନ ମଧ୍ୟ ଜିତିପାରିବ ନାହିଁ ।

# ଅମିତ ଶାହା ପ୍ରଚାର

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଓଡ଼ିଶାର ଚାରୋଟି ସ୍ଥାନରେ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ନିବେଦନ କରିଛନ୍ତି । ପୂର୍ବାହ୍ଣରେ ସମ୍ବଲପୁରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ଶ୍ରୀ ଶାହା କହିଛନ୍ତି,  ପାଇକ ବିଦ୍ରୋହକୁ ସମ୍ମାନ ଜଣାଇ ମୋଦୀ ସରକାର ଡାକଟିକଟ ପ୍ରଚଳନ କରିଛନ୍ତି । ଓଡ଼ିଶାରେ ଯଥେଷ୍ଟ ଖଣିଜ ସମ୍ପଦ ଥିଲେ ମଧ୍ୟ ତାହାର ସଦୁପଯୋଗ ହେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଦଳର ବହୁ ରାଜ୍ୟସ୍ତରୀୟ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ । ସମାବେଶ ସମାପନ ପରେ ଶ୍ରୀ ଶାହା ସମଲେଇ ମନ୍ଦିର ଯାଇ ମା’ଙ୍କର ଦର୍ଶନ କରିଥିଲେ ।

ଏହାପରେ କେନ୍ଦୁଝର, ଢେଙ୍କାନାଳ ଏବଂ ନୟାଗଡ଼ ଜିଲ୍ଲାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ଶ୍ରୀ ଶାହା ନିର୍ବାଚନୀ ପ୍ରଚାର କରିଥିଲେ । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିଲେ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ସ୍ୱତନ୍ତ୍ର ଡାକ୍ତରଖାନା, ଚିଟ୍ଫଣ୍ଡ ଜମାକାରୀଙ୍କୁ ଅର୍ଥ ଫେରସ୍ତ, ରତ୍ନ ଭଣ୍ଡାର ଖୋଲିବା କାର୍ଯ୍ୟ କରାଯିବ ବୋଲି ଶ୍ରୀ ଶାହା

ପ୍ରତିଶ୍ରୁତି ଦେଇଥିଲେ । ଜଗନ୍ନାଥ ସଂସ୍କୃତି ଜାଣିଥିବା ଏବଂ ଓଡ଼ିଆ କହିପାରୁଥିବା ଜଣେ ବ୍ୟକ୍ତିଙ୍କୁ ବିଜେପି ଓଡ଼ିଶାର ଶାସନଭାର ଦେବା ସହ ଓଡ଼ିଶାର ଖଣିଜ ସମ୍ପଦ ଲୁଟ୍ କାରବାରକୁ ବନ୍ଦ କରାଯିବ ବୋଲି ସେ କହିଥିଲେ ।

ଓଡ଼ିଶାରେ ଏଥର ସରକାର ଗଢ଼ିବା ପାଇଁ ବିଜେପି ପ୍ରାର୍ଥୀମାନଙ୍କୁ ଭୋଟ୍ ଦେଇ ୭୫ ଆସନରେ ବିଜୟୀ କରାଇବାକୁ ଶ୍ରୀ ଶାହା ନିବେଦନ କରିଛନ୍ତି ।

ସୂଚନାଯୋଗ୍ୟ, ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଉଦ୍ଦେଶ୍ୟରେ ଆସନ୍ତାକାଲି ରାମାୟଣ ଧାରାବାହିକର ରାମ ଅରୁଣ ଗୋଭିଲ୍ ଓଡ଼ିଶା ଆସୁଥିବା ବେଳେ ୨୩ ତାରିଖରେ ବିଜେପିର ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା ଏବଂ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓଡ଼ିଶା ଆସି ନିର୍ବାଚନ ପ୍ରଚାର କରିବେ ବୋଲି ଦଳୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

## ଝାଡ଼ଖଣ୍ଡ-କେଜରିୱାଲ

ଆମ ଆଦ୍‌ମୀ ପାର୍ଟି ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍ ଆଜି ଜାମ୍‌ସେଦପୁରରେ ଏକ ନିର୍ବାଚନ ର୍‍ୟାଲିକୁ ସମ୍ବୋଧିତ

କରିଛନ୍ତି । ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଜେଲ ପଠାଇବା ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଶ୍ରୀ କେଜରିଓ୍ୱାଲ କହିଛନ୍ତି ।

ଶ୍ରୀ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛନ୍ତି ବୋଲି ସେ କହିଛନ୍ତି । ହେମନ୍ତ ସୋରେନ୍ ଦେଶର ଆଦିବାସୀ ସମ୍ପ୍ରଦାୟର ଜଣେ ବଡ଼ ନେତା ବୋଲି କହିବା ସହ ଝାଡ଼ଖଣ୍ଡକୁ ଏକ ଅଲଗା ରାଜ୍ୟ କରିବା ପାଇଁ ଜେ.ଏମ୍.ଏମ୍. ନେତା ଶିବୁ ସୋରେନ୍ କଠିନ ସଂଘର୍ଷ କରିଥିଲେ ବୋଲି ସେ ଅବିହିତ କରିଛନ୍ତି । ରାଜ୍ୟର ବହଡ଼ାଗୋଡ଼ା ବିଧାନସଭା ଆସନର ପ୍ରାର୍ଥୀ ଭାବେ ବର୍ତ୍ତମାନର ବିଧାୟକ ସମୀର ମହାନ୍ତି ଜେ.ଏମ୍.ଏମ୍. ପ୍ରାର୍ଥୀ ଭାବେ ଜାମ୍‌ସେଦପୁରରୁ ନିର୍ବାଚନ ଲଢୁଥିବା ବେଳେ ତାଙ୍କ ବିରୁଦ୍ଧରେ ବିଜେପି ପ୍ରାର୍ଥୀ ବିଦ୍ୟୁତ୍ ବରଣ ମହତୋ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତା ୨୫ ତାରିଖରେ ଜାମ୍‌ସେଦପୁରରେ ମତଦାନ ହେବ ।

## ଇଣ୍ଡିଆ-ଇରାନ୍

ଇରାନ୍ ରାଷ୍ଟ୍ରପତି ଇବ୍ରାହିମ ରାଇସି ଏବଂ ସେଠାକାର ବୈଦେଶିକ ମନ୍ତ୍ରୀ ହୋସେନ ଅମିର ଅବଦୋଲ୍ଲାହିଆନଙ୍କ ମୃତ୍ୟୁରେ ଭାରତ ଆଜି ରାଷ୍ଟ୍ରୀୟ ଶୋକ ପାଳନ କରୁଛି । ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି ।

ଆସନ୍ତା ଜୁନ୍ ୨୮ ତାରିଖରେ ଇରାନ୍‌ରେ ରାଷ୍ଟ୍ରପତି ନିର୍ବାଚନ କରାଯିବ । ଇରାନର କାର୍ଯ୍ୟକାରୀ ରାଷ୍ଟ୍ରପତି ମହମ୍ମଦ ମୋଖବର, ନ୍ୟାୟପାଳିକା ମୁଖ୍ୟ ଘୋଲାମ ହୋସେନ ମୋହସେନି ଏଜେଇ, ସଂସଦର ବାଚସ୍ପତି ମହମ୍ମଦ ବକର କାଲିଓ୍ୱଫ, ଆଇନ୍ ବ୍ୟାପାର ଉପାଧ୍ୟକ୍ଷ ମହମ୍ମଦ ଦେହକାନ ଏବଂ ଇରାନ୍ ସମ୍ବିଧାନ ପରିଷଦ ଓ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟର ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଛି ।

## ଜୟଶଙ୍କର-ଇରାନ୍

ଇରାନର ରାଷ୍ଟ୍ରପତି ଇବ୍ରାହିମ୍ ରାଇସି ଏବଂ ବୈଦେଶିକ ମନ୍ତ୍ରୀ ହୁସେନ ଅମୀର୍ ଅବ୍‌ଧୋଲାହିଆନ୍ ବିୟୋଗରେ ଗଭୀର ସମବେଦନା ଜଣାଇବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ନୂଆଦିଲ୍ଲୀ ସ୍ଥିତ ଇରାନ୍ ଦୂତାବାସ ପରିଦର୍ଶନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ଇରାନ୍ ସମ୍ପର୍କର ଅଭିବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଭାରତର ବନ୍ଧୁ ଭାବରେ ସେମାନେ ସର୍ବଦା ସ୍ମରଣୀୟ ହୋଇ ରହିବେ । ଏଭଳି କଠିନ ସମୟରେ ଭାରତ ସରକାର ଇରାନ୍‌ର ଜନସାଧାରଣଙ୍କ ସହ ଏକଜୁଟ୍ ହୋଇ ଛିଡ଼ା ହୋଇଛନ୍ତି ବୋଲି ସେ କହିଛନ୍ତି ।

# ଦିଲ୍ଲୀ ପାୱାର

କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଦିଲ୍ଲୀରେ ପ୍ରବଳ ଗରମ ଅନୁଭୂତ ହେଉଛି । ଆସନ୍ତା ୪ ଦିନ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ନେଇ ଭାରତୀୟ ପାଣିପାଗ ବିଭାଗ ରେଡ୍ ଆଲର୍ଟ୍ ଜାରି କରିଛି । ଗ୍ରୀଷ୍ମ ପ୍ରବାହ ଜନିତ ତାପମାତ୍ରା ବୃଦ୍ଧି ଯୋଗୁଁ ରାଜଧାନୀ ଦିଲ୍ଲୀରେ ବିଦ୍ୟୁତ୍ ଚାହିଦା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଆଜି ଅପରାହ୍ଣରେ ସହରର ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦା ପୂର୍ବ ସମସ୍ତ ରେକର୍ଡ ଭାଙ୍ଗି ୭ହଜାର ୭୧୭ ମେଗାୱାଟ୍‌ରେ ପହଞ୍ଚିଛି । ୨୦୨୨ ଜୁନ୍ ମାସରେ ଦିଲ୍ଲୀର ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦା ୭ହଜାର ୬୯୫ ମେଗାୱାଟ୍ ରେକର୍ଡ କରାଯାଇଥିଲା ବୋଲି ଦିଲ୍ଲୀର ଷ୍ଟେଟ୍ ଲୋଡ୍ ଡିସ୍‌ପାଚ୍ ସେଣ୍ଟର ପକ୍ଷରୁ କୁହାଯାଇଛି ।

ଗ୍ରୀଷ୍ମପ୍ରକୋପକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ସମସ୍ତ ସରକାରୀ, ଘରୋଇ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପାଇଁ ଆସନ୍ତା ମାସ ୩୦ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମଛୁଟି ଘୋଷଣା କରିଛନ୍ତି । ଗତ ୧୧ ତାରିଖରୁ ଆସନ୍ତା ମାସ ୩୦ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ବନ୍ଦ ରଖିବା ନେଇ ସେଠାକାର ଶିକ୍ଷା ନିର୍ଦ୍ଦେଶାଳୟ ବିଜ୍ଞପ୍ତି ଜାରି କରିଛି ।

# ପାଣିପାଗ

କେରଳରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ - ଆଇ.ଏମ୍.ଡି. ଅନୁମାନ କରିଛି । ରାଜ୍ୟର ପଥାନମ୍ଥିଟ୍ଟା ଏବଂ ଇଡ୍ଡୁକ୍କି ଜିଲ୍ଲାରେ ଆସନ୍ତାକାଲି ପ୍ରବଳ ବର୍ଷା ହେବା ନେଇ ରେଡ୍ ଆଲର୍ଟ ଜାରି କରାଯାଇଥିବା ବେଳେ ତିରୁବନନ୍ତପୁରମ୍, କୋଲ୍ଲାମ, ଆଲାପୁଜା, କୋଟାୟାମ୍, ଏର୍ଣ୍ଣାକୁଲମ୍, ତ୍ରିଶୁର୍, ପଲାକାଡ୍ ଏବଂ ମଲ୍ଲପୁରମ୍ ଜିଲ୍ଲାରେ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ରାଜ୍ୟରେ ଆଜି ପ୍ରବଳ ବର୍ଷା ହୋଇଥିବା ବେଳେ ବିଭିନ୍ନ ଜିଲ୍ଲା ପାଇଁ ସତର୍କତା ସୂଚନା ଦିଆଯାଇଛି । ଏହି ସମୟ ମଧ୍ୟରେ ପ୍ରବଳ ପବନ ବହିବାକୁ ଥିବା ବେଳେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି ।

ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ଲଘୁଚାପରେ ପରିଣତ ହେବ ଏବଂ ୨୪ ତାରିଖରେ ଏହା ଗଭୀର ଅବପାତରେ ପରିଣତ ହୋଇ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା କରାଇବ ବୋଲି ଭାରତୀୟ ପାଣପାଗ ବିଭାଗ ଅନୁମାନ କରିଛି । ଏହି ସମୟ ମଧ୍ୟରେ ଘଣ୍ଟା ପ୍ରତି ୬୦ରୁ ୭୦ କିଲୋମିଟର ବେଗରେ ପବନ ବୋହିବାର ଆଶଙ୍କା ଥିବାରୁ ଆସନ୍ତା ୨୫

ତାରିଖ ଯାଏଁ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି ।

# ଆଇପିଏଲ୍

ଚଳିତ ଆଇପିଏଲ୍ କ୍ରିକେଟ୍‌ର ପ୍ରଥମ କ୍ୱାଲିଫାୟର୍ ମ୍ୟାଚ୍ ଆଜି ଅହମ୍ମଦାବାଦ୍ ଠାରେ ସନ୍‌ରାଇଜର୍ସ ହାଇଦ୍ରାବଦ ଓ କୋଲକାତା ନାଇଟ୍ ରାଇର୍ଡସ୍ ମଧ୍ୟରେ ଖେଳାଯିବ । ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି । ଏହି ମ୍ୟାଚ୍‌ର ବିଜେତା ସିଧାସଳଖ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବେ ।